**ପ୍ରଶିକ୍ଷଣ କାର୍ଯ୍ୟକ୍ରମ...** ସମ୍ବଲପୁରରେ ପଶୁ ସଂପଦ ବିକାଶ ଅଧିନରେ ଆତ୍ମନିଯୁକ୍ତ କୁଶଳୀ କ୍ରମୋନ୍ନତି ଭିତ୍ତିକ ପ୍ରଶିକ୍ଷଣ

# (Training on Up-gradation of Skills for self-employment)

ସମ୍ବଲପୁର ଉପଖଣ୍ଡ ସ୍ତରରେ ପଶୁ ସଂପଦ ବିକାଶ ଯଥା ଗୋପାଳନ, ଛେଳି ଓ ମେଣ୍ଢା ପାଳନ ଏବଂ କୁକୁଡ଼ା ପାଳନ ମାଧ୍ୟମରେ ଆତ୍ମନିଯୁକ୍ତି ପାଇଁ କୁଶଳୀ କ୍ରମୋନ୍ନତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି।

## ଗୋପାଳନ :-



ଏହି ଯୋଜନାରେ ଆତ୍ମନିଯୁକ୍ତିର ପଥ ସୃଷ୍ଟି ପାଇ ବେକାର ଯୁବକ ଯୁବତୀଙ୍କୁ ନେଇ ଏକ କୁଶଳୀ କ୍ରମୋନ୍ନତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ ଡାଃ ବୃନ୍ଦାବନ ମହାନ୍ତି, ଡାଃ ଦୀନବନ୍ଧୁ ମିଶ୍ର ଯୋଗଦାନ କରି ଆବଶ୍ୟକୀୟ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶେଷରେ ନିକଟସ୍ଥ ଏକ ପ୍ରାଇଭେଟ୍ ସ୍ତରରେ କରାଯାଇଥିବା ଘାସ ଚାଷ ବୁଲି ଦେଖିଥିଲେ।

## କୁକୁଡ଼ା ପାଳନ : -

ସେହିପରି ତା ୧।୩।୦୬ରିଖ ଦିନ ବେକାର ଯୁବକ ଓ ଯୁବତୀଙ୍କୁ ନେଇ ଏକ କୁଶଳୀ କ୍ରମୋନ୍ନତି ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏସ୍.ଡି.ଭି.ଓ. ଡାଃ ବୃନ୍ଦାବନ ମହାନ୍ତି, ଡାଃ ତ୍ରିନାଥ ନାୟକ ଓ ଅନ୍ୟମାନେ ସମ୍ବଳ ବ୍ୟକ୍ତିଭାବେ ଯୋଗଦାନ କରିଥିଲେ।

## ଛେଳି ଓ ମେଣ୍ଢା ପାଳନ :-



ତା୨୮।୨।୨୦୦୬ରିଖ ଦିନ ଛେଳି, ମେଣ୍ଢା ପାଳନ ମାଧ୍ୟମରେ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ପାଇଁ ୨୦ ରୁ ଊର୍ଦ୍ଧ୍ୱ ବେକାର ଯୁବକ ଓ ଯୁବତୀଙ୍କୁ ନେଇ ଏକ କୁଶଳୀ କ୍ରମୋନ୍ନତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ, ସମସ୍ତ ତାଲିମପ୍ରାପ୍ତ ବେକାର ଯୁବକ ଓ ଯୁବତୀଙ୍କୁ ନେଇ ଚିପିଲିମାର ଛେଳି ଓ ମେଣ୍ଢା ପ୍ରଜନନ ଫାର୍ମକୁ ପରିଦର୍ଶନ ପାଇଁ ନିଆଯାଇଥିଲା।






## ନୂତନ ପଶୁ ବୀମା ଯୋଜନା

ଆମ ଦେଶର ୧୦୦ ଗୋଟି ମନୋନୀତ ଜିଲ୍ଲାମାନଙ୍କରେ ସଙ୍କର ଓ ଅଧିକ ଉତ୍ପାଦନକ୍ଷମ ଗାଈ ଓ ମଇଁଷିଙ୍କୁ ବୀମା ପରିସରଭୁକ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ପଶୁ ବୀମା ଯୋଜନା କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି। ତଦନୁଯାୟୀ ଆମ ରାଜ୍ୟର କଟକ ଓ ଜଗତସିଂହପୁର ଜିଲ୍ଲାରେ ଥିବା ଅଧିକ ସଂଖ୍ୟକ ସଙ୍କର ଓ ଉତ୍ପାଦନକ୍ଷମ ଗୋ-ମହିଷାଦିଙ୍କର ପଶୁ ବୀମାଭୁକ୍ତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବା ସହିତ ଅନୁରୂପ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

ଏହି ଯୋଜନାରେ କେବଳ ପ୍ରତି ହିତାଧିକାରୀ ବା ଗୋପାଳକଙ୍କର ଅତିବେଶୀରେ ୨ ଗୋଟି ସଙ୍କର ଓ ଅଧିକ ଉତ୍ପାଦନକ୍ଷମ ଗାଈ ଓ ମଇଁଷି ୩ ବର୍ଷ ପର୍ଯ୍ୟନ୍ତ ବୀମାଭୁକ୍ତ ହେବାର ସୁବିଧା ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ। ଯାହାଫଳରେ ଗୋପାଳକମାନଙ୍କର ବହୁ ମୂଲ୍ୟବାନ ଗୋ-ସମ୍ପଦ ସୁରକ୍ଷିତ ରହିପାରିବ। ଯଦି ବୀମାଭୁକ୍ତ ପଶୁଟିର କୌଣସି କାରଣରୁ ବୀମାଭୁକ୍ତ ସମୟ ମଧ୍ୟରେ ମୃତ୍ୟୁ ଘଟେ, ତେବେ ଉକ୍ତ ପଶୁଟିର ମୃତ୍ୟୁ ବାବଦକୁ କ୍ଷତିପୂରଣ ସଂପୃକ୍ତ ଇନ୍‌ସ୍ୟୁରାନ୍ସ କମ୍ପାନୀ ଭରଣା କରିବେ ଏବଂ ହିତାଧିକାରୀମାନେ ମୃତ ପଶୁଟିର ବୀମାରୁ ପ୍ରାପ୍ତ ରାଶିରେ ନୂତନ ପଶୁ କ୍ରୟ କରି ନିଜର କ୍ଷତିକୁ ପୁନର୍ବାର ପୂରଣ କରିପାରିବେ। ଏଥିପାଇଁ ବୀମା ରାଶି ବା ପ୍ରିମିୟମ୍ ଜମା ବାବଦରେ ହିତାଧିକାରୀ ଏବଂ କେନ୍ଦ୍ର ସରକାର ଶତକଡ଼ା ୫୦ ଭାଗ ଲେଖାଏଁ ବହନ କରିବେ।

## ପଶୁ ଚିକିତ୍ସା ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଗ୍ରଗତି - ୨୦୦୫-୦୬

୧। ଜାତୀୟ ରୋଗ ନିରାକରଣ ଯୋଜନାରେ ତାଲିମପ୍ରାପ୍ତ ପଶୁଚିକିତ୍ସକଙ୍କ ସଂଖ୍ୟା-୧୩୨ ଜଣ।

୨। ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନା -୫୫ ଜଣ।

୩। ମୌଳିକ କମ୍ପ୍ୟୁଟର ଜ୍ଞାନ କୌଶଳ - ୧୮୭ ଜଣ।

୪। ସଂପ୍ରସାରଣ ସମ୍ବନ୍ଧୀୟ ପ୍ରଶିକ୍ଷଣ - ୨୯୩ ଜଣ।

୫। ଇଣ୍ଡକ୍ସନ ପ୍ରଶିକ୍ଷଣ - ୭୨ ଜଣ।

୬। ପଶୁପାଳନରେ ଜେଣ୍ଡର ମେନ୍ ଷ୍ଟ୍ରିମିଙ୍ଗ୍ - ୧୬ ଜଣ।

୭। ବୈଷୟିକ ଜ୍ଞାନ କୌଶଳ ବିକାଶ - ୧୮ ଜଣ।

୮। ବାର୍ଡ-ଫ୍ଲୁ କର୍ମଶାଳା - ୭୫ ଜଣ

୯। ପଶୁ ଡାକ୍ତର ଓ ପଶୁଧନ ନୀରିକ୍ଷକମାନଙ୍କର ଜ୍ଞାନ କୌଶଳ ବୃଦ୍ଧି ଓ ଚିକିତ୍ସା କ୍ଷେତ୍ରରେ ନୂତନ ବୈଷୟିକ ବିଷୟରେ ଅବଗତ କରାଇବା ପାଇଁ ତାଲିମ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଅଛି। ପ୍ରତ୍ୟେକ ଜିଲ୍ଲାରୁ ଅଧିକାରୀମାନେ ଏହି ତାଲିମରେ ଅଂଶଗ୍ରହଣ କରିଛନ୍ତି। ଏହା କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହେଉଅଛି।

## ଦୁଗ୍ଧ ଉତ୍ପାଦନରେ ରାଜ୍ୟର ସ୍ଥିତି (୦୦୦ ମେଟ୍ରିକ୍ ଟନ୍)

| ବର୍ଷ | ଦେଶୀଗାଈ | ଉନ୍ନତ ସଙ୍କର ଗାଈ | ମଇଁଷି | ଛେଳି | ମୋଟ | ଦୈନିକ ମୁଣ୍ଡପିଛା ମିଳୁଥିବା ଦୁଗ୍ଧର ହାର (ଗ୍ରାମ୍) |
|---|---|---|---|---|---|---|
| ୨୦୦୨-୦୩ | ୩୧୧.୩୯ | ୪୩୬.୧୧ | ୧୯୧.୪୭ | ୨.୫୨ | ୯୪୧.୪୯ | ୭୧ |
| ୨୦୦୩-୦୪ | ୩୨୦.୧୭ | ୪୬୬.୨୦ | ୨୦୫.୯୦ | ୨.୮୧ | ୯୯୫.୦୫ | ୭୪ |
| ୨୦୦୪-୦୫ | ୫୫୩.୭୮ | ୫୨୫.୮୨ | ୨୦.୫୬ | ୨.୫୬ | ୧୨୮୨.୭୬ | ୯୪ |

## ରାଜ୍ୟରେ ମାଂସ ଓ ଅଣ୍ଡା ଉତ୍ପାଦନ

| ବର୍ଷ | ମାଂସ (ମେଟ୍ରିକ ଟନ୍) | ବାର୍ଷିକ ମୁଣ୍ଡପିଛା ମିଳୁଥିବା ହାର | ଅଣ୍ଡା (ଲକ୍ଷ) | ବାର୍ଷିକ ମୁଣ୍ଡ ପିଛା ମିଳୁଥିବା ହାର(ସଂଖ୍ୟା) |
|---|---|---|---|---|
| ୨୦୦୨-୦୩ | ୪୪୭୨୫.୨୮ | ୧.୨୨୪ | ୯୦୦୯୪.୯୪ | ୨୫ |
| ୨୦୦୩-୦୪ | ୪୪୮୮୭.୩୫ | ୧.୨୧୮ | ୯୩୫୦.୫୬ | ୨୫ |
| ୨୦୦୪-୦୫ | ୫୦୫୨୮.୮୬ | ୧.୩୫୮ | ୧୨୧୫୯.୬୧ | ୩୩ |

## ଦେଶର ଦୁଗ୍ଧ ଉତ୍ପାଦନ (୨୦୦୧)

୧। ଗାଈ - ୩୬.୫ ନିୟୁତ ଟନ୍ (୪୫%)

୨। ମଇଁଷି - ୪୫.୭ ନିୟୁତ ଟନ୍ (୫୨%)

୩। ଅନ୍ୟାନ୍ୟ - ୨.୫ ନିୟୁତ ଟନ୍ ( ୩ %)

ସମୁଦାୟ - ୮୪.୬ ନିୟୁତ ଟନ୍ (୧୦୦%)

**ଅଧିକ ଲାଭ ପାଇବା ସକାଶେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସବୁଜ ଘାସ ଚାଷ କରିବା ସଂଗେ ସଂଗେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମାନ୍ତୁ ।**